# NATIONAL NEWS BULLETIN (ODIA)

## 27 June - 2026

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ତିନିଦିନିଆ ସେସେଲ୍ସ ଗସ୍ତରେ ଯାଇ ରାଜଧାନୀ ଭିକ୍ଟୋରିଆରେ ପହଁଞ୍ଚିଲେ ପ୍ରଧାନମନ୍ତ୍ରୀ

– ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କଲେ ସେସେଲ୍ସ ରାଷ୍ଟ୍ରପତି ଓ ପ୍ରବାସୀ ଭାରତୀୟ

- ଭାରତ ଟ୍ୟାକ୍ସି ଯୋଜନାକୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୫୦୦ଟି ସହରକୁ ବିସ୍ତାର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର

- ଆକାଶବାଣୀର ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଇରାନ୍ ପକ୍ଷରୁ ବାହାରିନ୍ ଉପରେ ଡ୍ରୋନ୍ ଆକ୍ରମଣ ନେଇ ଅଭିଯୋଗ

ଏବଂ

- ୟୁଏସ୍ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲରେ ପହଁଞ୍ଚିଲେ ଭାରତର ଦେବିକା ସିହାଗ, କିଦାମ୍ବି ଶ୍ରୀକାନ୍ତ ଏବଂ ରୌନକ ଚୌହ୍ୱାନ

# ପିଏମ୍-ସେସେଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ସେସେଲ୍ସ ଗସ୍ତରେ ଯାଇ ଭିକ୍ଟୋରିଆଠାରେ ପହଁଞ୍ଚିଛନ୍ତି। ସେସେଲ୍ସର ରାଷ୍ଟ୍ରପତି ଡକ୍ଟର ପ୍ୟାଟ୍ରିକ ହର୍ମିନି ବିମାନବନ୍ଦରଠାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।  ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ ସେସେଲ୍ସର ରାଷ୍ଟ୍ରପତିଙ୍କୁ ପ୍ରଶଂସା କରିଛନ୍ତି। ଭାରତ ମହାସାଗରରେ ଥିବା ଏହି ଦ୍ୱୀପ ଦେଶ ସେସେଲ୍ସ' ଭାରତ ସହ ଦୀର୍ଘଦିନ ହେଲା ସାମୁଦ୍ରିକ ସହଯୋଗ ପ୍ରଦାନ କରିଆସୁଛି। ଦୁଇ ଦେଶ ମଧ୍ୟରେ ସହଯୋଗ ଏବଂ ଦୀର୍ଘସ୍ଥାୟୀ ସୁସମ୍ପର୍କ ସ୍ଥାପନ କରିବା ଏହି ଗସ୍ତର ମୂଳଲକ୍ଷ୍ୟ। ସେସେଲ୍ସ ବିମାନବନ୍ଦରଠାରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରବାସୀ ଭାରତୀୟମାନେ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଦେଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରବାସୀ ଭାରତୀୟଙ୍କ ଦ୍ୱାରା ଦେଶର ବିଭିନ୍ନ ପ୍ରାନ୍ତରର ସଂସ୍କୃତିକୁ ସଂରକ୍ଷିତ କରି ରଖିବା ନେଇ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ସେସେଲ୍ସର ଐତିହାସିକ ୫୦ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ। ସେସେଲ୍ସର ଜାତୀୟ ଦିବସ

ସମାରୋହରେ ସମ୍ମାନିତ ଅତିଥିଭାବେ ଯୋଗ ଦେବାରେ ଶ୍ରୀ ମୋଦୀ ହେଉଛନ୍ତି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ।

## ଭିପି- ଏମ୍‌ଏସ୍‌ଏମ୍‌ଇ ଡେ'

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଦେଶର ଅର୍ଥନୈତିକ ସୁଦୃଢ଼ୀକରଣରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂଆଦିଲ୍ଲୀଠାରେ ଆଜି ଏମ୍.ଏସ୍.ଏମ୍.ଇ. ଦିବସ-୨୦୨୬– 'ଉଦ୍ୟମୀ ଭାରତ' ଉପଲକ୍ଷେ ଆୟୋଜିତ ସମାରୋହରେ ଯୋଗଦେଇ ଉପରାଷ୍ଟ୍ରପତି କହିଛନ୍ତି, ଏହି କ୍ଷେତ୍ର ପ୍ରଥମ ପିଢ଼ିର ଉଦ୍ୟୋଗୀଙ୍କର ସାହସ ଏବଂ ପ୍ରେରଣାକୁ ପ୍ରତିଫଳନ କରୁଛି। ଉପରାଷ୍ଟ୍ରପତି କହିଛନ୍ତି, ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଦେଶର ଉତ୍ତମ ଗୁଣବତ୍ତା ସମ୍ପନ୍ନ ଦ୍ରବ୍ୟ ରପ୍ତାନୀର ୫୦ ଭାଗ ଅଂଶୀଦାର ପ୍ରଦାନ କରୁଛି। ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଭାରତୀୟ ବିକାଶ ଯାତ୍ରାର ଏକ ସୁଦୃଢ଼ ସ୍ତମ୍ଭ ଭାବେ ଉଭା ହୋଇଛି, ଯାହାକି ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ସମର୍ଥ ହେବ। ଏମ୍.ଏସ୍.ଏମ୍.ଇ. ମନ୍ତ୍ରଣାଳୟ ସାର୍ବଜନୀନ ପଞ୍ଜୀକରଣ କ୍ଷେତ୍ରରେ ପ୍ରୋତ୍ସାହନ ପ୍ରଦାନ କରୁଛି। ଗୁଣବତ୍ତା ସମ୍ପନ୍ନ ତଥ୍ୟର ବିକାଶ ଏବଂ ଫଳପ୍ରଦ ଯୋଜନା କ୍ରିୟାନ୍ୱୟନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ବିଶ୍ୱ ବ୍ୟବସାୟିକ କ୍ଷେତ୍ରରେ ସ୍ୱଳ୍ପ ଦାମର ଅତ୍ୟାବଶ୍ୟକ ଆବଶ୍ୟକତାକୁ ପରିପୂରଣ କରିବାକୁ ସମର୍ଥ ହୋଇପାରିଛି।

ଏ କ୍ଷେତ୍ରରେ ଉଦ୍ୟମୀ ମାନେ ଆଧୁନିକ ବୈଷିୟକ ଜ୍ଞାନ ପ୍ରୟୋଗ କରି ଗୁଣବତ୍ତା ସମ୍ପନ୍ନ ଦ୍ରବ୍ୟ ଉତ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ପାଇଁ ମିଳିତ ଜାତିସଂଘର ବାର୍ତ୍ତା ହେଉଛି 'କୃତ୍ରିମ ବୁଦ୍ଧିମତା ପରିଚାଳିତ ଭବିଷ୍ୟତ ପାଇଁ ମାନବକୈନ୍ଦ୍ରିକ ଉଦ୍ୟମିତା।' ଏହାକୁ ଆଧାର କରି  ଉପରାଷ୍ଟ୍ରପତି କହିଛନ୍ତି, ବୈଷୟିକ ଜ୍ଞାନର ପରିବର୍ତ୍ତନ ଆହ୍ୱାନ ନୁହେଁ, ଏକ ସୁଯୋଗ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ ଏମ୍.ଏସ୍.ଏମ୍.ଇ ମନ୍ତ୍ରୀ ଜିତନ ରାମ ମାଞ୍ଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଉପରାଷ୍ଟ୍ରପତି' ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ ପ୍ରଯୁକ୍ତିବିଦ୍ୟା ଆଧାରିତ ବିଭିନ୍ନ ପୋର୍ଟାଲ ଏବଂ ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି।

## ଅମିତ ଶାହା ଗୁଜୁରାଟ

ଦେଶର ସମବାୟ ସଂସ୍ଥା ଆଧାରିତ ସଡ଼କ ଯାତ୍ରା ପ୍ଲାଟଫର୍ମ ଭାରତ ଟ୍ୟାକ୍ସିକୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ଦେଶର ୫୦୦ଟି ସହରକୁ ବିସ୍ତାର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ଆଜି ଭାରତ ଟ୍ୟାକ୍ସି ସେବାର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି, ଏହି ପଦକ୍ଷେପ ସମବାୟ କ୍ଷେତ୍ରରେ ପରିବର୍ତ୍ତନକାରୀ ଭାବେ ସାବ୍ୟସ୍ତ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି, ସାରଥୀ ନାମରେ ପରିଚିତ ଭାରତ

ଟ୍ୟାକ୍ସିର ଡ୍ରାଇଭରଙ୍କୁ ସିଧାସଳଖ ଅଂଶୀଦାର କରିବା। ଫଳରେ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ଗତିଶୀଳତା ପ୍ଲାଟଫର୍ମ ପ୍ରଦାନ କରାଯାଇପାରିବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି। ସାରଥୀଙ୍କର ରୋଜଗାର ବୃଦ୍ଧି ପାଇବା ସହ ଯାତ୍ରୀମାନେ ସୁରକ୍ଷିତ ଏବଂ ସୁଲଭ ସେବା ପାଇପାରିବେ ବୋଲି ଶ୍ରୀ ଶାହା କହିଛନ୍ତି।

**V/O – Amit Shah- Bharat Taxi**

ଅନ୍ୟାନ୍ୟ ଆପ୍ ଆଧାରିତ ଟ୍ୟାକ୍ସି ପ୍ରଦାନକାରୀ ସଂସ୍ଥାକୁ ସମାଲୋଚନା କରି ଶ୍ରୀ ଶାହା କହିଛନ୍ତି, ବର୍ତ୍ତମାନର ସମବାୟ ପଦକ୍ଷେପକୁ ମୁକାବିଲା କରିବା ପାଇଁ କିଛି ପ୍ରତିଷ୍ଠିତ ପ୍ଲାଟଫର୍ମ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ଭାରତ ଟ୍ୟାକ୍ସି ସଡ଼କ ଯାତ୍ରା କ୍ଷେତ୍ରରେ ଏକ ଦୃଢ଼ ବିକଳ୍ପ ଭାବେ ଉଭା ହେବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାରତ ଟ୍ୟାକ୍ସି ପରିବହନକୁ ଅଧିକ ସୁଦୃଢ଼ ତଥା ଗୁଣବତ୍ତା ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଗୁଜୁରାଟ ମେଟ୍ରୋ ରେଳ ନିଗମ, ଅହମ୍ମଦାବାଦ ମହାନଗର ନିଗମ, ଗୁଜୁରାଟ ରାଜ୍ୟ ସମବାୟ ବ୍ୟାଙ୍କ, ରାଜ୍ୟ ଟ୍ରାଫିକ ପୁଲିସ, ପ୍ରମୁଖ ବିମାନ ବନ୍ଦର ଏବଂ ରେଳ କର୍ତ୍ତୃପକ୍ଷଙ୍କ ସମେତ ଅନେକ ସଂଗଠନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍‌କି ବାତର ୧୩୫ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଜେୱାର ଇନାଗୁରେସନ୍

ଉତ୍ତରପ୍ରଦେଶର ଜେୱାରଠାରେ ଅମ୍ବର ଏବଂ ଆସେଣ୍ଟ–କେ ସର୍କିଟ ଉତ୍ପାଦନ କାରଖାନାର ଇଲେକଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦର ଯାଦବ ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଯାଦବ କହିଛନ୍ତି, ବିଶ୍ୱସ୍ତରରେ ଏକ ନିର୍ଭରଯୋଗ୍ୟ, ଗଣତାନ୍ତ୍ରିକ ଏବଂ ଦକ୍ଷ ଉତ୍ପାଦନ ଅଂଶୀଦାରର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କ ନେତୃତ୍ୱରେ ଭାରତ ଏହି ଆବଶ୍ୟକତାକୁ ପୂରଣ କରିବାକୁ ପ୍ରୟାସ ଜାରି ରଖିଛି। ଶ୍ରୀ ଯାଦବ କହିଛନ୍ତି, ଦେଶରେ ରାଜନୈତିକ ସ୍ଥିରତା, ସ୍ୱଚ୍ଛ ସଂସ୍କାରମୂଳକ ନୀତି, ଦକ୍ଷ ଯୁବଗୋଷ୍ଠୀ ଏବଂ ଦ୍ରୁତ ବିକାଶଶୀଳ ଭିତ୍ତିଭୂମି ବିଶ୍ୱ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଭାରତକୁ ଏକ ପ୍ରାକୃତିକ କେନ୍ଦ୍ର ଭାବେ ପ୍ରତିଷ୍ଠା କରିପାରିଛି।

## ଇରାନ୍ ଆଟାକ ବାହାରିନ୍

ଇରାନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ବାହାରିନ୍ ଆଜି ଅଭିଯୋଗ କରିଛି। ବାହାରିନ୍‌ର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ନୂତନ ଆକ୍ରମଣରେ ଏ ପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ଖବର ହସ୍ତଗତ ହୋଇନାହିଁ। ଅନ୍ୟପକ୍ଷରେ ବାହାରିନ୍ ଉପରେ ଇରାନ୍‌ର ଆକ୍ରମଣକୁ ସଂଯୁକ୍ତ ଆରବ ଏମିରେଟ୍ସ ଦୃଢ଼ ନିନ୍ଦା କରିଛି। ଏହାକୁ ଆକ୍ରମଣାତ୍ମକ ଏବଂ ଶତ୍ରୁତାପୂର୍ଣ୍ଣ ବୋଲି ୟୁଏଇ ବର୍ଣ୍ଣନା କରିଛି।

ପୂର୍ବରୁ ଇରାନ୍‌ର ଦକ୍ଷିଣ ଉପକୂଳରେ ଆମେରିକାର ବିମାନ ଆକ୍ରମଣର ପ୍ରତ୍ୟୁତ୍ତରରେ ଆମେରିକୀୟ ସେନା ସହ ଜଡ଼ିତ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ ହେବା ନେଇ ଇରାନ୍‌ର ଇସଲାମିକ ରେଭ୍ୟୁଲୁସ୍‌ନାରୀ ଗାର୍ଡ କର୍ପସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ସୂଚନାଯୋଗ୍ୟ, ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଗତକାଲି

ଆକ୍ରମଣର ପ୍ରତ୍ୟୁତ୍ତରରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ ବାହିନୀ' ଇରାନ୍‌ର କେତେକ ଅଞ୍ଚଳ ଉପରେ ଆକ୍ରମଣ କରିଥିଲା।

## ରୁବିଓ-ପିଏମ୍ ମୋଦୀ

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ଉଚ୍ଚପ୍ରଶଂସା କରିଛନ୍ତି। ହ୍ୱାଇଟ୍ ହାଉସଠାରେ ଏକ ସମ୍ବାଦ ସଂସ୍ଥା ସହ ସାକ୍ଷାତକାର ଅବସରରେ ଶ୍ରୀ ରୁବିଓ କହିଛନ୍ତି, ଭାରତ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିବା ସହିତ ବିଶ୍ୱସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହେଉଛି। ଟ୍ରମ୍ପଙ୍କ ପ୍ରଶାସନ ଭାରତକୁ ଆମେରିକାର ନିକଟତମ ରଣନୈତିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଭିତରୁ ଅନ୍ୟତମ ଭାବେ ଗ୍ରହଣ କରୁଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଅର୍ଥନୈତିକ କ୍ଷେତ୍ର ଅଧିକ ସୁଦୃଢ଼ ହେବା ସହ ବିଶ୍ୱସ୍ତରରେ ଏକ ପ୍ରଭାବଶାଳୀ ରାଷ୍ଟ୍ରଭାବେ ମାନ୍ୟତା ପାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି ଏବଂ କୂଟନୈତିକ କ୍ଷେତ୍ର ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ରୁବିଓ କହିଛନ୍ତି। ବାଣିଜ୍ୟ, ଯୋଗାଣ ଶୃଙ୍ଖଳ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି, ସୁରକ୍ଷା, ସାମୁଦ୍ରିକ ପରିବହନ ଆଦି ବିଭିନ୍ନ କ୍ଷେତ୍ରକୁ ଉଭୟ ଦେଶ ଚିହ୍ନଟ କରିବା ସହ ଏ ଦିଗରେ ସହଯୋଗ ବୃଦ୍ଧି ନେଇ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ରୁବିଓ କହିଛନ୍ତି।

## ଚମ୍ପତ ରାୟ ରେଜିନେସନ୍

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନୀଲ ମିଶ୍ର ଇସ୍ତଫା ପ୍ରଦାନ କରିଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର କୋଷାଧକ୍ଷ ସ୍ୱାମୀ ଗୋବିନ୍ଦ ଦେବଗିରି ମହାରାଜ ଆଜି ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏକ ବିବୃତିରେ ସେ କହିଛନ୍ତି, ପରବର୍ତ୍ତୀ ବୈଠକରେ ଇସ୍ତଫା ଉପରେ ବିସ୍ତୃତ ଆଲୋଚନା କରାଯିବ। ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ରୁପା ଇଟା ଏବଂ ଅଳଙ୍କାରର ସମ୍ପୂର୍ଣ୍ଣ ହିସାବ କରାଯିବ ବୋଲି ସେ କହିଛନ୍ତି।

## ୟୁଏସ୍ ଓପନ ବ୍ୟାଡମିଣ୍ଟନ

ୟୁଏସ୍ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଦେବିକା ସିହାଗ, କିଦାମ୍ବି ଶ୍ରୀକାନ୍ତ ଏବଂ ରୌନକ ଚୌହ୍ୱାନ ସେମିଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛନ୍ତି। ମହିଳା ଏକକ ବର୍ଗରେ ଦେବିକା ଜାପାନର ରିକୋ ଗୁଞ୍ଜିଙ୍କୁ ୨୨-୨୦, ୨୧-୧୯ ସେଟ୍‌ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ପରାସ୍ତ କରିଛନ୍ତି। ଆସନ୍ତାକାଲି ସେମିଫାଇନାଲରେ ଦେବିକା’ ଡେନମାର୍କର ଖେଳାଳି ଲିନେ କ୍ରିଷ୍ଟୋଫ୍‌ସେନଙ୍କୁ ଭେଟିବେ। ପୁରୁଷ ଏକକ ବର୍ଗରେ ସେମିଫାଇନାଲ ପର୍ଯ୍ୟାୟରେ ଆସନ୍ତାକାଲି କିଦାମ୍ବି ଜାପାନର ୟୁଦାଇ ଓକିମୋଟୋଙ୍କୁ ଏବଂ ରୌନକ’ ଚୀନ୍ ତାଇପେଇର ସୁ ଲି ୟାଙ୍ଗଙ୍କୁ ଭେଟିବେ।